# Akashvani, Sambalpur

## SAMBALPURI NEWS MORNING BULLETIN

## 17 August 2026 - 6.47- 6.52 am.

---

ବଏଢ଼୍ ସ୍ଥିତି-ମୁଖ୍ୟମନ୍ତ୍ରୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଲଗାଏତ୍ ବର୍ଷା ଲାଗି କେତେଟା ଜାଗା ନ  ବଏଢ଼୍ ସ୍ଥିତି ଦେଖାଦେଇଥିବାର୍‌ନୁ ସର୍‌କାର୍ ସେତାର୍ ଉପ୍‌ରେ କଡ଼ା ନଜର୍ ରଖିଛନ୍ । ସ୍ଥାନୀୟ ପ୍ରଶାସନ୍ ପୁରା ତତ୍ପରତାର୍ ସହେତେ କ୍ଷେତ୍ରସ୍ତର୍ ନ ଉପସ୍ଥିତ୍ ରହିକରି ସ୍ଥିତିର୍ ଅନୁଧ୍ୟାନ୍ କର୍‌ବାର୍ ସହେତେ ଜରୁରୀ ଉଦ୍ଧାର୍ ଆଉ ସାହାଜ୍ କାମ୍ ଜାରି ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୂଚ୍‌ନା ଦେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ପୋଷ୍ଟ୍ କରିକରି ସେ କହିଛନ୍, ଉଦ୍ଧାର୍ ଆଉ ସାହାଜ୍ କାମ୍‌ର ଠିକ୍ ଭାବେ ପରିଚାଳନା ଲାଗି ୩ ଝନ୍ ବରିଷ୍ଠ ଆଉ ଅଭିଜ୍ଞ ଅଧିକାରୀମାନ୍‌କୁ ବାଲେଶ୍ୱର୍ ଭଦ୍ରକ୍ ଆଉ ଯାଜ୍‌ପୁର୍ ଜିଲ୍ଲା ଲାଗି ଦାୟିତ୍ୱ ଦିଆଯାଇଛେ । ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସବୁ ଜିଲ୍ଲା ପ୍ରଶାସନ୍ ସହେତେ ନିୟମିତ୍ ଭାବେ ତାଲ୍‌ମେଲ୍ ରଖିକରି କାମ୍‌ର ତଦାରଖ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଆଏଜ୍‌ଠାନୁ

ମୁଖ୍ୟମନ୍ତ୍ରୀ ନିଜେ ବଏଢ଼୍ ଇଲାକା ପରିଦର୍ଶନ୍ କରିକରି ସ୍ଥିତିର୍ ଅନୁଧ୍ୟାନ୍ କର୍‌ବେ । ପ୍ରଶାସନ୍‌ର ନିର୍ଦ୍ଦେଶାବଲୀକେ ପାଲନ୍ କରିକରି ସୁରକ୍ଷିତ୍ ରହେବାର୍‌କେ ମୁଖ୍ୟମନ୍ତ୍ରୀ ନିବେଦନ୍ କରିଛନ୍ ।

ରେଲ୍ ମନ୍ତ୍ରୀ ପି.ଆଇ.ବି.

ପିଇବାର୍ ପାଏନ୍‌ର ଗୁଣାବତା ଉପ୍‌ରେ ସିଏଜି ରିପୋର୍ଟ ଆସ୍‌ବାର୍ ଉତ୍‌ରୁ ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ସମୀକ୍ଷା କରିକରି ତତ୍କାଲ୍ ପଦକ୍ଷେପ୍ ନେଇଛନ୍ । ରେଲ୍ ନେଟ୍‌ୱାର୍କର ପାଖାପାଖି ୨୦ ହଜାର୍ ଜାଗା ନ ଥଣ୍ଡା ପିଇବାର୍ ପାଏନ୍ ମିସିନ୍, ବିସ୍ତୃତ୍ ଜଲ୍‌ବିଶୋଧନ୍ ବ୍ୟବସ୍ଥା ଆଉ ନିରୀକ୍ଷଣ୍ ବ୍ୟବସ୍ଥା ସହେତେ ଟେଙ୍କର୍‌ନୁ ଟେପ୍ ଜଲ୍ ବିଶୋଧନ୍ ପ୍ରଣାଲୀ ଥାପ୍‌ନା କରାଯିବା । ଇତାର୍‌ସହେତେ ପାଏନ୍‌ଟାଙ୍କି ମାନ୍‌କୁ ବଦ୍‌ଲାଯିବାର୍‌କେ ଭିଲ୍ ନିର୍ଦ୍ଦେଶ୍ ଦିଆଯାଇଛେ । ପାଏନ୍ ରହୁଥିବା ଟାଙ୍କିମାନ୍‌କୁ ଧାରିଜ୍ ନିୟମ୍ ଅନ୍‌ସାରେ ସଫା କରାଯିବା । ନିରାପଦ୍ ପିଇବାର୍ ପାଏନ୍ ଲାଗି ତୁର୍‌ତି ପଦକ୍ଷେପ୍ ନେବାର୍‌କେ ରେଲ୍‌ବାଇର ବରିଷ୍ଠ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଆଉ ସମ୍ବାଦପତ୍ର ଜରିଏ ଲୁକ୍‌କୁ ଜନେଇ ଦିଆଯିବା ।

କଳାକାର୍ ୱେବ୍‌ସାଇଟ୍ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଆମ କଳାକାର୍ ୱେବ୍‌ସାଇଟ୍ amakalakar.odisha.gov.in ଗଲାକାଏଲ୍ ଉନ୍ମୋଚିତ୍ ହେଇଛେ । ବାଚସ୍ପତି ସୁରମା ପାଢ଼ୀ ଇତାକେ ଉନ୍ମୋଚନ୍ କରିଛନ୍ । ବିଭାଗ୍ ତର୍‌ଫୁ ସାଂସ୍କୃତିକ୍ ଦଲ୍ ମାନ୍‌କୁ ନିୟୋଜନ୍ କରିକରି ଓଡ଼ିଶାର୍ କଳା, ଆଉ ସଂସ୍କୃତିର୍ ପ୍ରଚାର୍ ପ୍ରଚାର୍ କର୍‌ବାର୍‌ଟା ଇତାର୍ ମୁଲ୍ ଉଦ୍ଦେଶ୍ୟ ଆଏ । ଇ ୱେବ୍‌ସାଇଟ୍ କାର୍ଯ୍ୟକାରୀ ହେବାର୍‌ନୁ କାର୍ଯ୍ୟଧାରା ସରଲ୍ ହେଇପାର୍‌ବା । ଇତାକେ ସୁବିଧାଥି ବେଭାର୍ କର୍‌ବାର୍ ସହେତେ

ମୋବାଇଲ୍ ଆଧାରିତ୍ ଜିଓ ଟେଗିଂକେ ନିରୀକ୍ଷଣ୍ କରାଯାଇପାର୍‌ବା । କଳା ପ୍ରଦର୍ଶନ୍ ଲାଗି ସାଂସ୍କୃତିକ୍ ଦଲ୍ ମାନ୍‌କୁ କାର୍ଯ୍ୟାଦେଶ୍ ଦିଆଯିବା ଆଉ ସେମାନ୍‌କର୍ ନିୟୋଜନ୍ ପ୍ରକ୍ରିୟାଥି ପାରଦର୍ଶୀତା ଆସିପାର୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଶିକ୍ଷକ୍ ନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ୨୦୨୬ -୨୭ ଶିକ୍ଷା ବଛର୍ ଲାଗି ଗଲା ଏପ୍ରିଲ୍ ୨ ତାରିଖ୍‌ନୁ ପାଠ୍‌ପଢ଼ା ମୁଲ୍ ହେଇଛେ । ଶିକ୍ଷକ୍ ଅଭାବ୍ କାରଣ୍‌ନୁ ଯେନ୍ତା ପାଠ୍‌ପଢ଼ା ନୁକ୍‌ସାନ୍ ନାଇଁ ହେବା, ସେଥିର୍‌ଲାଗି ଗଲାବଛର୍ ବାଗିର୍ ଇ ବଛର୍ ଭିଲ୍ ଅତିଥି ଶିକ୍ଷକ୍ ନିଯୁକ୍ତି କରାଯିବା । ୫ ହଜାର୍ ୭ ଶହ ୪୦ ଝନ୍ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପାଠ୍‌ପଢ଼ା ଦାୟିତ୍ୱ ଦିଆଯିବା । ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପ୍ରାପ୍ତ, ପୂର୍ଣ୍ଣ ଅନୁଦାନ୍ ପ୍ରାପ୍ତ, ବ୍ଲକ୍‌ଗ୍ରାଂଟ୍ ହାଇସ୍କୁଲ୍ ମାନ୍‌କେ ଇ ନିଯୁକ୍ତି କରାଯିବା । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

କୁଷ୍ଠରୋଗ୍ ଚିହ୍ନଟ୍ ଅଭିଯାନ୍ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍ଫୁ ସାରା ରାଏଜେ ଆଏଜ୍‌ଠାନୁ କୁଷ୍ଠରୋଗ୍ ଚିହ୍ନଟ୍ ଅଭିଯାନ୍ ମୁଲ୍ ହେବା । ଇ ଅଭିଯାନ୍ ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା । ଅଭିଯାନ୍‌ଥି ଆଶା ଆଉ ସ୍ୱାସ୍ଥ୍ୟକର୍ମୀ ମାନେ ଘର୍ ଘର୍ ଯାଇକରି କୁଷ୍ଠ ଲକ୍ଷଣ୍ ଥିବା ଲୁକ୍‌କୁ ଚିହ୍ନଟ୍ କର୍‌ବେ । କେନ୍ଦ୍ରୀୟ କୁଷ୍ଠ ଡିଭିଜନ୍ ଭାରତ୍ ସର୍‌କାର୍‌ଙ୍କର୍ ନିର୍ଦ୍ଦେଶାବଳୀ ଅନ୍‌ସାରେ ଇଥର ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ସହେତେ ରାଜ୍ୟର୍ ୨୭ ଟା ଜିଲ୍ଲା ନ ଇ କାର୍ଯ୍ୟକ୍ରମ୍ କରାଯିବା । କୁଷ୍ଠରୋଗ୍‌ର ଚିହ୍ନଟ୍, ଚିକିତ୍ସା ଆଉ ପୁନଃକ୍ଷମ ଅସ୍ତ୍ରୋପଚାର୍ ସର୍‌କାରୀ ଡାକ୍ତର୍‌ଖାନା ନ ମାହାଲିଆ କରାଯାଉଛେ । ପୁନଃକ୍ଷମ ଅସ୍ତ୍ରୋପଚାର୍ କରାଯାଇଥିବା ରୋଗୀମାନ୍‌କୁ ସର୍‌କାର୍‌ଙ୍କର୍ ତର୍ଫୁ ୧୨ ହଜାର୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ଭିଲ୍ ଦିଆଯାଉଛେ । କୁଷ୍ଠରୋଗ୍‌ର ଲକ୍ଷଣ୍ ଥିଲେ ତୁରତି ସ୍ୱାସ୍ଥ୍ୟକର୍ମୀ ନାହେତ ଡାକ୍ତର୍‌ଙ୍କର୍ ନ ପରୀକ୍ଷା କରାବାରକେ ବିଭାଗ୍ ତର୍ଫୁ ପରାମର୍ଶ ଦିଆଯାଇଛେ ।

ମେଧାବୃତି ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୬-୨୭ ବଛର୍ ଲାଗି ଜାତୀୟ ଆୟଭିତିକ ମେଧାବୃତି ପରୀକ୍ଷା ଆଏବା ଡିସେମ୍ବର ମାସ ୬ ତାରିଖ ଦିନ ହେବା । ଇଥିର୍‌ଲାଗି ରାଜ୍ୟ ଶିକ୍ଷକଶିକ୍ଷା ଆଉ ରାଜ୍ୟ ଶିକ୍ଷା ଗବେଷଣା ଆର୍ ପ୍ରଶିକ୍ଷଣ ପରିଷଦ ତର୍‌ଫୁ ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଚଲ୍‌ତି ଶିକ୍ଷା ବଛ୍‌ରେ ୮ ଶ୍ରେଣୀଥି ପଢୁଥିବା ଯୋଗ୍ୟ ଛାତ୍ରଛାତ୍ରୀମାନେ ଇ ବୃତି ପରୀକ୍ଷା ଲାଗି ଆଏଜ୍‌ଠାନୁ ସେପ୍ଟେମ୍ବର୍ ମାସର୍ ୧୭ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ ।

ଖସାପଡ଼ା ନୀତି            ପୁରୀ ସମ୍ବାଦଦାତା

ଶ୍ରାବଣ୍ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଖସାପଡ଼ା ନୀତି କରାଯିବା । ଇଥିର୍‌ଲାଗି ୨ ନମ୍ବର୍ ଭୋଗ ମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ସଞ୍ଝର୍ ୬ ନୁ ରାତିର୍ ୧୦ ବଜେତକ୍ ଇ ଗୁପ୍ତ ନୀତି କରାଯିବା । ଇ ସମିଆଥି ୪ ଘଂଟା ଲାଗି ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତରପଶ୍ଚିମ ବଙ୍ଗୋପସାଗର ନ ହେଇଥିବା ଲଘୁଚାପର ପ୍ରଭାବଥି ରାଜ୍ୟର ଭିନ୍ ଭିନ୍ ଇଲାକା ନ ବର୍ଷା ଲାଗି ରହିଛେ । ଆଏବା ୩ ଦିନ୍‌ତକ୍ ଅତି ଜବର୍ ବର୍ଷା ହେବା ବଲି  ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ, ଆଏବା ୨୪ ଘଂଟା ଭିତ୍‌ରେ ବାଲେଶ୍ୱର୍, ମୟୁର୍‌ଭଞ୍ଜ୍ ଆର୍ କେନ୍ଦୁଝର୍ ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ । ସେନ୍ତା ସମ୍ବଲ୍‌ପୁର, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ୧୧ ଟା ଜିଲ୍ଲା ନ ଅତି ଜବର୍ ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।